# NATIONAL NEWS BULLETIN (ODIA)

**1 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୁରକ୍ଷା ଏବଂ ଯୋଗାଯୋଗ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଭାଗିତା ବୃଦ୍ଧି ନେଇ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମ୍ୟାଁମାର ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲୋଚନା ଜାରି

- ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

- ପିଏମ୍ ସ୍ୱନିଧି ଯୋଜନାକୁ ୬ ବର୍ଷ ପୂରଣ ଅବସରରେ ଉଠାଦୋକାନୀଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି କହିଲେ ପ୍ରଧାନମନ୍ତ୍ରୀ

ଏବଂ

- ୨୦ ବର୍ଷରୁ କମ୍ ୨୨ତମ ଏସୀୟ ଆଥ୍ଲେଟିକ୍ସ ଚମ୍ପିୟାନ୍ସିପ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

---

## ଆର୍.ଏସ୍. ପୋଲ୍ ନୋଟିଫିକେସନ

୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ନିମନ୍ତେ ନିର୍ବାଚନ ଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ୨୪ଟି ଆସନ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଏବଂ କର୍ଣ୍ଣାଟକର ୪ଟି ଲେଖାଏଁ ଆସନ ରହିଥିବାବେଳେ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ୩ଟି ଲେଖାଏଁ, ଝାଡ଼ଖଣ୍ଡର ୨ଟି ଏବଂ ମଣିପୁର,

ମେଘାଳୟ, ଅରୁଣାଚଳ ପ୍ରଦେଶ ଓ ମିଜୋରାମ୍‌ର ଗୋଟିଏ ଲେଖାଏଁ ଆସନ ରହିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେ.ଡି.ଏସ୍. ନେତା ଏଚ୍.ଡି. ଦେବେଗୌଡ଼ା, କେନ୍ଦ୍ରମନ୍ତ୍ରୀ ତଥା ବି.ଜେ.ପି. ନେତା ଜର୍ଜ କୁରିଆନ୍ ଏବଂ ରବନୀତ ସିଂହ, ରାଜ୍ୟସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ପ୍ରମୁଖଙ୍କ ଚଳିତ ମାସରେ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେଉଛି । ଏହାଛଡ଼ା ମହାରାଷ୍ଟ୍ର, ତାମିଲନାଡୁ ଏବଂ ଓଡ଼ିଶାରେ ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ଲାଗି ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ମଧ୍ୟ ଆଜି ନିର୍ବାଚନ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ମହରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ଅଜିତ୍ ପାୱାର ଏବଂ ତାମିଲନାଡୁର ଏ.ଆଇ.ଏ.ଡି.ଏମ୍.କେ. ସାଂସଦ ସି.ଭି. ସନମୁଗମ୍ ଏବଂ ଓଡ଼ିଶା ସାଂସଦ ଦେବାଶିଷ ସାମନ୍ତରାୟ ସାଂସଦ ପଦରୁ ଇସ୍ତଫା ଦେଇଥିବାରୁ ସେହି ଆସନଗୁଡ଼ିକ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେବ । ଆଜିଠାରୁ ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ଲାଗି ସମୟ ନିର୍ଦ୍ଧାରିତ କରାଯାଇଥିବାବେଳେ ଆବଶ୍ୟକ ପଡ଼ିଲେ ଚଳିତ ମାସ ୧୮ ତାରିଖରେ ଭୋଟ୍‌ଗ୍ରହଣ ଓ ସେହିଦିନ ଗଣନା କାର୍ଯ୍ୟ ଅନୁଷ୍ଠିତ ହେବ ।

---

## ଏସ୍‌ସି-ଜଜେସ୍

ସର୍ବୋଚ୍ଚ ନ୍ୟାୟାଳୟରେ ୫ ଜଣ ନୂଆ ବିଚାରପତିଙ୍କ ନିଯୁକ୍ତି ପରେ ପ୍ରଧାନ ବିଚାରପତିଙ୍କୁ ମିଶାଇ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି । କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ପ୍ରଧାନ ବିଚାରପତିଙ୍କ ସହ ଆଲୋଚନା ପରେ ରାଷ୍ଟ୍ରପତି ସୁପ୍ରିମକୋର୍ଟରେ ୫ ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦେଇଛନ୍ତି । ଆଇନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ

ବିଜ୍ଞପ୍ତି ଅନୁଯାୟୀ ପଞ୍ଜାବ ଏବଂ ହରିଆଣା ଉଚ୍ଚନ୍ୟାୟାଳୟର ମୁଖ୍ୟବିଚାରପତି ଜଷ୍ଟିସ୍ ସିଲ୍ ନାଗୁ, ବମ୍ବେ ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖର, ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ସଞ୍ଜୀବ ସଚ୍‌ଦେବା ଏବଂ ଜମ୍ମୁ, କାଶ୍ମୀର ଓ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରୁଣ ପାଲୀଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି । ବରିଷ୍ଠ ଆଇନଜୀବୀ ଭେଙ୍କଟା ସୁବ୍ରମଣି ମୋହନାଙ୍କୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ମିଳିଛି । ଗତମାସରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ବୃଦ୍ଧି ଲାଗି ଅଧ୍ୟାଦେଶ ଜାରି କରିଥିଲେ ।

---

## କମର୍ସିଆଲ ଏଲ୍‌ପିଜି ପ୍ରାଇସ୍

ଦେଶରେ ହୋଟେଲ, ରେଷ୍ଟୋରାଁ ଏବଂ ଅନ୍ୟାନ୍ୟ ଶିଳ୍ପ ଦ୍ୱାରା ବ୍ୟବହାର କରାଯାଉଥିବା ୧୯ କିଲୋଗ୍ରାମ ବିଶିଷ୍ଟ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ୍ ୪୨ ଟଙ୍କାରୁ ୫୩ ଟଙ୍କା ୫୦ ପଇସା ମଧରେ ବୃଦ୍ଧି ପାଇଛି । ତେବେ ଘରୋଇ ଉପଭୋକ୍ତାଙ୍କ ଲାଗି ଉଦ୍ଦିଷ୍ଟ ଏଲ୍‌ପିଜି ସିଲିଣ୍ଡରର ଦରରେ କୌଣସି ପରିବର୍ତ୍ତନ ଘଟି ନାହିଁ । ଦିଲ୍ଲୀରେ ଏଲ୍‌ପିଜି ସିଲିଣ୍ଡର ଦାମ୍ ବୃଦ୍ଧି ପରେ ଏହା ୩ ହଜାର ୧୧୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ମୁମ୍ବାଇରେ ୩ ହଜାର ୬୭ ଟଙ୍କା ୫୦ ପଇସାକୁ ବୃଦ୍ଧି ପାଇଛି । କୋଲକାତାରେ ବାଣିଜ୍ୟିକ ସିଲିଣ୍ଡର ଦାମ୍ ୫୩ ଟଙ୍କା ୫୦ ପଇସା ବୃଦ୍ଧି ପାଇ ୩ ହଜାର ୨୫୫ ଟଙ୍କା ୫୦ ପଇସା ହୋଇଛି ।

ବିଶ୍ୱ ସ୍ତରରେ ସୃଷ୍ଟି ହୋଇଥିବା ଶକ୍ତି ସଂକଟ ପରିସ୍ଥିତି ଯୋଗୁଁ ଏହି ଦର ବୃଦ୍ଧି ଘଟିଥିବା ଜଣାପଡ଼ିଛି ।

# ପିଏମ୍-ସ୍ୱନିଧି

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ପି.ଏମ୍. ସ୍ୱନିଧି ଯୋଜନାକୁ ଆଜି ୬ ବର୍ଷ ପୂରଣ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପିଏ.ଏମ୍. ସ୍ୱନିଧି ଯୋଜନା ଦେଶର ଅସଂଖ୍ୟ ଉଠାଦୋକାନୀମାନଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଛି । ଶ୍ରୀ ମୋଦୀ କହିଛନ୍ତି, ଏହି ଯୋଜନା ଅଧୀନରେ ଉଠାଦୋକାନୀମାନଙ୍କୁ ବନ୍ଧକମୁକ୍ତ ଋଣ ପ୍ରଦାନ କରାଯିବା ଫଳରେ ସେମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତି କରାଯିବା ସହ ନୂଆ ସୁଯୋଗ ସୃଷ୍ଟି କରାଯାଇ ପାରିଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ଯୋଜନା ସମ୍ମାନ, ବିଶ୍ୱାସ ଏବଂ ସଶକ୍ତିକରଣ ଉପରେ ଆଧାରିତ । ଶ୍ରୀ ମୋଦୀ ପିଏମ୍ ସ୍ୱନିଧି ଯୋଜନାର ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା କ୍ଷେତ୍ରରେ ସେମାନଙ୍କ ଲକ୍ଷ୍ୟ ଓ ବ୍ୟବସାୟୀକ ମନୋବୃତ୍ତି ସଫଳତା ଅର୍ଜନ କରିଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ୨୦୨୦ ମସିହାରେ ଏହି ଯୋଜନାର ଶୁଭାରମ୍ଭ ହେବା ପରେ ଏପର୍ଯ୍ୟନ୍ତ ୧ କୋଟି ୧୨ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ଋଣ ପ୍ରଦାନ କରାଯାଇଛି ।

ପିଏମ ସ୍ୱନିଧି ଯୋଜନାରେ ଉଠାଦୋକାନୀମାନଙ୍କ ଜୀବନଧାରଣ ମାନ ସହଜ କରିବା ଉଦ୍ଦେଶ୍ୟରେ ସହଜରେ ଋଣ ପାଇବା ବ୍ୟବସ୍ଥା

କରାଯାଇଛି । ଏହି ଯୋଜନାରେ ୧୫ ହଜାର, ୨୫ ହଜାର ଏବଂ ୫୦ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥାଏ । ଏପର୍ଯ୍ୟନ୍ତ ୭୫ ଲକ୍ଷରୁ ଅଧିକ ହିତାଧିକାରୀ ଏଥିରେ ଉପକୃତ ହୋଇଛନ୍ତି । ପ୍ରାୟ ୧୭ ହଜାର ୮ଶହ କୋଟିରୁ ଅଧିକ ଟଙ୍କାର ଋଣ ଏହି ଯୋଜନା ଅଧୀନରେ ପ୍ରଦାନ କରାଯାଇଛି । ଏହି ଯୋଜନା ଅବଧି ୨୦୩୦ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

---

## ଇଣ୍ଡିଆ ଓମାନ୍-ସେପା

ଭାରତ-ଓମାନ୍ ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତି-CEPA ଆଜିଠାରୁ କାର୍ଯ୍ୟକାରୀ ହୋଇଛି । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଭାରତ ଏବଂ ଓମାନ୍ ମଧ୍ୟରେ ଏହି ଚୁକ୍ତି ଅର୍ଥନୈତିକ ଓ ରଣନୈତିକ ସଂପର୍କକୁ ଆହୁରି ଦୃଢ଼ କରିବ । ଏକ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ଲେଖାରେ ଶ୍ରୀ ଗୋୟଲ କହିଛନ୍ତି, ଏହି ଚୁକ୍ତି ଦେଶର ଛାତ୍ରଛାତ୍ରୀ, କାରିଗର, ମହିଳା ,କୃଷକ, ମତ୍ସ୍ୟଜୀବୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ନୂଆ ବଜାର ସୃଷ୍ଟି ତଥା ରପ୍ତାନୀ ଦୃଢ଼ କରିବା ସହ ପୁଞ୍ଜି ନିବେଶ ଆକୃଷ୍ଟ କରିବା ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ସହାୟକ ହେବ । ସେ କହିଛନ୍ତି, ଭାରତର ଓମାନ୍ ସହ ଦୃଢ଼ ଅର୍ଥନୈତିକ ଏବଂ ଲୋକସଂପର୍କ ରହିଛି । ଓମାନରେ  ୭ଲକ୍ଷରୁ ଅଧିକ ଭାରତୀୟ ବସବାସ କରୁଛନ୍ତି । ସେ କହିଛନ୍ତି, ଓମାନ୍‌ରେ ପ୍ରାୟ ୬ ହଜାର ଭାରତୀୟ ଉଦ୍ୟୋଗ କାର୍ଯ୍ୟ କରୁଥିବା ବେଳେ ପ୍ରତ୍ୟେକ ବର୍ଷ ୨ ବିଲିୟନ ଡଲାରର ଲାଭ ମିଳୁଛି ।

ଶ୍ରୀ ଗୋୟଲ କହିଛନ୍ତି ଏହି ବୁଝାମଣା ଫଳରେ ରପ୍ତାନୀ କରାଯାଉଥିବା ସାମଗ୍ରୀର ୯୯ ଦଶମିକ ୩/୮ ପ୍ରତିଶତ କ୍ଷେତ୍ରକୁ ଶତପ୍ରତିଶତ ଶୁଳ୍କମୁକ୍ତ ବଜାର ଉପଲବ୍ଧ ହେବ ।

## ଡବ୍ଲୁବି-କ୍ୟାବିନେଟ୍ ଏକ୍ସପାନେସନ

ନବଗଠିତ ପଶ୍ଚିମବଙ୍ଗ ସରକାରର ଆଜି କ୍ୟାବିନେଟ୍ ସଂପ୍ରସାରଣ କରାଯାଇଛି । କ୍ୟାବିନେଟ୍‌ରେ ୩୫ ଜଣ ନୂଆ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । କୋଲକାତାସ୍ଥିତ ଲୋକ ଭବନରେ ରାଜ୍ୟପାଳ ଆର୍.ଏନ୍. ରବି ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ପ୍ରଥମଥର ବିଧାୟକ ହୋଇଥିବା କେତେଜଣ ମନ୍ତ୍ରୀପଦ ପାଇଛନ୍ତି । ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ରାଜନୈତିକ ନେତା ଉପସ୍ଥିତ ଥିଲେ । ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ଆଜି ବିଭାଗ ବଣ୍ଟନ କରାଯିବାର ସମ୍ଭାବନା ରହିଛି । ନବନିଯୁକ୍ତ ମନ୍ତ୍ରୀମାନଙ୍କ ମଧ୍ୟରେ ସ୍ୱପନ ଦାସଗୁପ୍ତା, ଅର୍ଜୁନ ସିଂ, ତାପସ ରାୟ ଓ ଶଙ୍କର ଘୋଷ ଅଛନ୍ତି ।

## ଲାମିଛାନେ-ଇଣ୍ଡିଆ ଭିଜିଟ୍

ନେପାଳର ଶାସକ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ଅଧ୍ୟକ୍ଷ ରବି ଲାମିଛାନେ ୫ ଦିନିଆ ଭାରତ ଗସ୍ତରେ ଆସି ଆଜି ପହଞ୍ଚିବେ । ବିଜେପି ଅଧ୍ୟକ୍ଷ ନୀତିନ ନବୀନଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ଲାମିଛାନେ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ବିଜେପିର ବରିଷ୍ଠ ନେତୃବୃନ୍ଦଙ୍କ ସମେତ କେତେକ ଉଚ୍ଚସ୍ତରୀୟ ରାଜନୈତିକ ଓ କୂଟନୈତିକ ବୈଠକରେ ଯୋଗଦେବେ । ଶ୍ରୀ ଲାମିଛାନେ ଭାରତରେ ରହୁଥିବା ନେପାଳୀ ସଂପ୍ରଦାୟଙ୍କୁ ସାକ୍ଷାତ

କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ଲାମିଛାନେ ଅଯୋଧ୍ୟା ଯିବେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ତାଙ୍କ ସହ ସାଂସଦ ବିପିନ କୁମାର ଆଚାର୍ଯ୍ୟ, ଦୀପକ ବୋହରା, ନିକତା ପୌଡେଲ ଏବଂ ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ଭାରତ ଗସ୍ତରେ ଆସୁଛନ୍ତି ।

---

## ମ୍ୟାଁମାର-ବ୍ଲାଷ୍ଟ

ମ୍ୟାଁମାରରେ ଏକ ଶକ୍ତିଶାଳୀ ବିସ୍ଫୋରଣରେ ୫୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଗତ ସନ୍ଧ୍ୟାରେ ନାମ୍‌ହକାମ୍ ସହର ଅନ୍ତର୍ଗତ କାଉଁଗଟପ ଅଞ୍ଚଳରେ ଏହି ବିସ୍ଫୋରଣ ଘଟିଥିଲା । ଖଣିଜ ବିସ୍ଫୋରଣ ପାଇଁ ଗଛିତ ଥିବା ବିସ୍ଫୋରକ ହଠାତ୍ ବିସ୍ଫୋରଣ ହୋଇଥିବା ପ୍ରାଥମିକ ଭାବେ ସୂଚନା ମିଳିଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ କରାଯାଇଛି । ସେଠାକାର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ବିସ୍ଫୋରଣରେ ୧୦୦ରୁ ଅଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଛି । ମ୍ୟାଁମାର ସରକାର ବିସ୍ଥାପିତମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି ।

---

## ୟୁ-୨୦ ଏସୀୟ ଆଥ୍‌ଲେଟ୍

ହଂକଂରେ ଚାଲିଥିବା ୨୦ ବର୍ଷରୁ କମ୍ ୨୨ତମ ଏସୀୟ ଆଥ୍‌ଲେଟିକ୍ସ ଚମ୍ପିୟାନ୍‌ସିପ୍‌ରେ ଭାରତ ୧୦ଟି ସ୍ୱର୍ଣ୍ଣପଦକ ସହ ମୋଟ୍ ୧୯ଟି ପଦକ ହାସଲ କରିଛି । ମୋଗାଲି ଭେଙ୍କଟରାମ ପୁରୁଷ ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ୪ ଗୁଣନ ୧୦୦ ମିଟର ମହିଳା ରିଲେ ଦୌଡ଼ରେ କାଜଲ, ଭାବନା, ଆରତୀ ଏବଂ ନିପମ୍ ରୌପ୍ୟ ପଦକ ହାସଲ କରିଛନ୍ତି ।

ଏସୀୟ କ୍ରୀଡ଼ା ଚମ୍ପିୟାନ୍‌ସିପ୍‌ରେ ଭାରତ ୧୯ଟି ପଦକ ଜିତିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି କ୍ରୀଡ଼ାବିତ୍‌ମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ସେମାନଙ୍କର କ୍ରୀଡ଼ା ପ୍ରତି ଥିବା ଦୃଢ଼ ନିଷ୍ଠା ପ୍ରତିପାଦନ କରୁଛି । ଏହି ସଫଳତା ଯୁବ ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

---

# ଫୁଟ୍‌ବଲ୍

ସାଫ୍ ମହିଳା ଫୁଟବଲ ପ୍ରତିଯୋଗିତାରେ ଭାରତୀୟ ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଗୋଆର ମାର୍ଗାଓସ୍ଥିତ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ରେ ଗତକାଲି ଗ୍ରୁପ୍-ବି ର ଏକ ମ୍ୟାଚ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ଦଳ ୩-୦ରେ ବାଂଲାଦେଶକୁ ପରାସ୍ତ କରିଛି । ଆସନ୍ତା ବୁଧବାର ଦିନ ସେମିଫାଇନାଲ୍‌ରେ ଗ୍ରୁପ୍-ଏ ରନର୍ସଅପ୍ ଭୁଟାନ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବ ।

ଅନ୍ୟପକ୍ଷରେ ବାଂଲାଦେଶ ଗ୍ରୁପ୍-ଏର ବିଜେତା ନେପାଳ ସହ ମଧ୍ୟ ସେମିଫାଇନାଲ୍‌ରେ ଅବତୀର୍ଣ୍ଣ ହେବ ।

---